# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 July – 2025**

**************************************************

# ଧାନକିଣା

୨୦୨୫-୨୬ ଖରିଫ୍ ଋତୁ ପାଇଁ ଧାନକିଣା ଆସନ୍ତା ନଭେମ୍ବର ୧ ତାରିଖରୁ ଆରମ୍ଭ ହେବ । ସରକାର କେବଳ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବେ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଚଳିତ ଖରିଫ ଋତୁରେ ନୂତନ ଭାବେ ଚାଷୀଙ୍କ ପଞ୍ଜୀକରଣ ଇ-କେଓ୍ୱାଇସି ମାଧ୍ୟମରେ କରାଯିବ । ଧାନ ବିକ୍ରୟ ସମୟରେ ଆଧାର ମାଧ୍ୟମରେ ପଞ୍ଜୀକୃତ ଚାଷୀଙ୍କ ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଅବଲମ୍ବନ କରାଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି । ଧାନକିଣା ପ୍ରକ୍ରିୟା ଆସନ୍ତାବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ବଦଳି

ରାଜ୍ୟ ସରକାର ଆଇ.ଏ.ଏସ୍. ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିଭଳି ସଂଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ, ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି । ଚଞ୍ଚଳ ରାଣା ବିଏମ୍‌ସି କମିଶନର ଏବଂ କିରଣଦୀପ

କୌର ସହୋତାଙ୍କୁ ସିଏମ୍‌ସି କମିଶନର ଭାବେ ଅବସ୍ଥାପିତ କରାଯାଇଛି । ୧୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି ।

## ଆକାଂକ୍ଷୀ ବ୍ଲକ

ନୀତି ଆୟୋଗର ଆକାଂକ୍ଷୀ ବ୍ଲକ ଯୋଜନାରେ ରାଜ୍ୟର ୧୧ଟି ନୂଆ ବ୍ଲକ ସାମିଲ ହୋଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ୬ଟି ଏବଂ କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ରହିଛି । ନୂଆ ବ୍ଲକ ସାମିଲ ହେବା ପରେ ବର୍ତ୍ତମାନ ରାଜ୍ୟର ମୋଟ୍ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକ୍‌ରେ ପରିଣତ ହୋଇଛି ।

## ଓଆଇଏସ୍‌ଏଫ୍ ବାଟାଲିୟନ ପ୍ରତିଷ୍ଠା

ରାଜ୍ୟରେ ଖୁବ୍‌ଶୀଘ୍ର ୨ଟି ଶିଳ୍ପ ସୁରକ୍ଷା ବାହିନୀ-ଓଆଇଏସ୍‌ଏଫ୍ ବାଟାଲିୟନ ପ୍ରତିଷ୍ଠା ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ମଂଜୁରୀ ଦେଇଛନ୍ତି । ୨ଟି ନୂତନ ବାଟାଲିୟନ୍‌ରେ ୧ ହଜାର ୯୪୪ଟି ନୂତନ ପଦବୀ ସୃଷ୍ଟି ହେବ । ଏହି ନିଷ୍ପତ୍ତି ଦ୍ୱାରା ଆଗାମୀ ଦିନରେ ଶିଳ୍ପ ନିରାପତ୍ତା କ୍ଷେତ୍ର ଅଧିକ ସୁଦୃଢ଼ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଏନ୍‌ସିଇଆରଟି

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ-ଏନ୍‌ସିଇଆରଟି ର ଅଷ୍ଟମ ଶ୍ରେଣୀର ନୂତନ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ ଓଡ଼ିଶାର ଐତିହାସିକ ପାଇକ ବିଦ୍ରୋହ ଅଧ୍ୟାୟ ଉଚ୍ଛେଦ ନେଇ ହେଉଥିବା ଅଭିଯୋଗକୁ ପରିଷଦ ପକ୍ଷରୁ ଖଣ୍ଡନ କରାଯାଇଛି । ଏନ୍‌ସିଇଆରଟି କହିଛି, ପ୍ରଥମ ପର୍ଯ୍ୟାୟରେ ପାଠ୍ୟପୁସ୍ତକର ପ୍ରଥମ ଖଣ୍ଡ ପ୍ରକାଶ ପାଇଛି । ପାଠ୍ୟପୁସ୍ତକର  ଦ୍ୱିତୀୟ ଖଣ୍ଡରେ ଆଞ୍ଚଳିକ ଜନଆନ୍ଦୋଳନ ଓ ସଶସ୍ତ୍ର ବିଦ୍ରୋହ ସଂପର୍କିତ ବିଷୟ ସ୍ଥାନୀତ

ହେବ । ଏଥିରେ ପାଇକ ବିଦ୍ରୋହ ସମେତ ଅନ୍ୟ ଆଞ୍ଚଳିକ ବିଦ୍ରୋହକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଏନ୍‌ସିଇଆରଟି ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ପେସା ଆଇନ

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଭୁବନେଶ୍ୱର ଲୋକସେବା ଭବନରେ ପେସା ଆଇନ ସଂପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ପେସା ଆଇନ୍ ସମ୍ବନ୍ଧିତ ନିୟମାବଳୀର ସମସ୍ତ ଦିଗ ଉପରେ ଆଲୋଚନା ହୋଇଛି । ବିଭିନ୍ନ ବିଭାଗ ପକ୍ଷରୁ ପେସା ଆଇନ ସଂପର୍କରେ ଆସିଥିବା ପ୍ରସ୍ତାବ ଗୁଡ଼ିକ ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ଜାତୀୟ ପ୍ରସାରଣ ଦିବସ

ଭାରତୀୟ ପ୍ରସାରଣ କମ୍ପାନି-ଆଇବିସି ବମ୍ବେରୁ ପ୍ରଥମ ପ୍ରସାରଣ ସ୍ମୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆଜି ଜତୀୟ ପ୍ରସାରଣ ଦିବସ ପାଳନ କରାଯାଉଛି । ୧୯୨୭ ମସିହା ଜୁଲାଇ ମାସ ୨୩ ତାରିଖ ଦିନ ପ୍ରଥମେ ରେଡିଓ ପ୍ରସାରଣ ହୋଇଥିବାରୁ ପ୍ରତିବର୍ଷ ଏହି ଦିନକୁ ଜାତୀୟ ପ୍ରସାରଣ ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସ ଅବସରରେ ପ୍ରସାର ଭାରତୀର ଅଧ୍ୟକ୍ଷ  ନବନୀତ ସେହଗଲ କହିଛନ୍ତି :

**V/O**

ଜାତୀୟ ପ୍ରସାରଣ ଦିବସ ଅବସରରେ ପ୍ରସାର ଭାରତୀର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ଶୁଭେଚ୍ଛା ଜଣାଇଛନ୍ତି । ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିୱାଲ ଗୌର ଶୁଭେଚ୍ଛା ଜଣାଇ କହିଛନ୍ତି,

ଭବିଷ୍ୟତରେ ପ୍ରସାରଣ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନେଇ ଏହି ଦିବସ ପାଳନ ଗୁରୁତ୍ୱ ବହନ କରୁଛି ।

## ତାଲିମ

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ଭୁବନେଶ୍ୱର କୌଶଲ୍ୟାଗଙ୍ଗଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମତ୍ସ୍ୟଚାଷୀଙ୍କୁ ଏହି କେନ୍ଦ୍ର ତାଲିମ ପ୍ରଦାନ କରିବାରେ ସହାୟକ ହେବ ।

## ପାଣିପାଗ

ସାମୁଦ୍ରିକ ବାତ୍ୟା ଉଇଫାର ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଘୂର୍ଣ୍ଣିବଳୟ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି ।

*****************************************************